# NATIONAL NEWS BULLETIN (ODIA)

**10 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶର ସାମଗ୍ରିକ ବିକାଶ ପାଇଁ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, କହିଲେ ରାଷ୍ଟ୍ରପତି ।

- ସଂସଦର ବଜେଟ୍ ଅଧିବେଶନର ଆଜି ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନରେ ଉଭୟ ଗୃହରେ ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀଙ୍କ ହଟ୍ଟଗୋଳ

- ଆସନ୍ତାକାଲିଠାରୁ ଦୁଇଦିନିଆ ମରିସସ୍ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

- ନିଉୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ ମହିଳା ସ୍ଥିତି ଆୟୋଗର ୬୯ତମ ଅଧିବେଶନରେ ଯୋଗଦେବେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ

ଏବଂ

- ବ୍ରସେଲ୍ସଠାରେ ଆଜିଠାରୁ ଆରମ୍ଭ ହେବ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଦଶମ ପର୍ଯ୍ୟାୟ ଆଲୋଚନା

## ପ୍ରେଜ୍- ଥ୍ରୀ ଡେ ଭିଜିଟ୍

ଦେଶର ସାମଗ୍ରିକ ବିକାଶ ପାଇଁ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସାଧାରଣ ଲୋକଙ୍କ ପାଖରେ ଯେପରି ପ୍ରଯୁକ୍ତି ବିଦ୍ୟାର ସୁଫଳ ମିଳିପାରିବ, ସେ କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି । ଆଜି ହିସାର ସ୍ଥିତ ଗୁରୁ ଜାମ୍ଭେଶ୍ୱର ବିଜ୍ଞାନ ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ଏହା କହିଛନ୍ତି ।

**V/O**

ରାଷ୍ଟ୍ରପତି ଆଜିଠାରୁ ତିନିଦିନିଆ ହରିୟାଣା, ଚଣ୍ଡିଗଡ଼ ଓ ପଞ୍ଜାବ ଗସ୍ତରେ ଯାଇଛନ୍ତି। ଏହା ପରେ ସେ ବ୍ରହ୍ମକୁମାରୀ ସଂସ୍ଥାର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ 'ସାମଗ୍ରୀକ କଲ୍ୟାଣ ପାଇଁ ଆଧ୍ୟାତ୍ମିକ ଶିକ୍ଷା'ର ଶୁଭାରମ୍ଭ କରିବେ।

ରାଷ୍ଟ୍ରପତି ଆସନ୍ତାକାଲି ପଞ୍ଜାବ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏବଂ ଭଟିଣ୍ଡାସ୍ଥିତ ଏମ୍ସ'ର ସମାବର୍ତ୍ତନ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ସନ୍ଧ୍ୟାରେ ସେ ମୋହାଲିଠାରେ ପଞ୍ଜାବ ସରକାରଙ୍କ ଦ୍ୱାରା ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେବେ। ଆସନ୍ତା ବୁଧବାର ଦିନ ରାଷ୍ଟ୍ରପତି ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଯୋଗଦେବେ।

# ପାର୍ଲାମେଣ୍ଟ

ସଂସଦର ବଜେଟ ଅଧିବେଶନର ଆଜି ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି । ରାଜ୍ୟସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀଦଳ ସାଂସଦମାନେ ସୀମା ନିର୍ଦ୍ଧାରଣ ପ୍ରସଙ୍ଗ ଓ ନୂତନ ଶିକ୍ଷାନୀତିକୁ ବିରୋଧ କରି କକ୍ଷ ତ୍ୟାଗ କରିଛନ୍ତି। ତାମିଲନାଡୁରେ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ କରିବା ନେଇ ଡିଏମକେ ସାଂସଦମାନେ ହଟ୍ଟଗୋଳ କରିଥିଲେ ।

ଲୋକସଭାରେ ମଧ୍ୟ ବିରୋଧୀଦଳ ସାଂସଦମାନେ ଗୃହ ମଧ୍ୟଭାଗକୁ ଯାଇ ପ୍ରତିବାଦ କରିଥିଲେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲୋକସଭାରେ ଡିଏମକେକୁ ତାମିଲନାଡୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ରାଜନୀତି କରୁଥିବା କହିଛନ୍ତି ।

ରାଜ୍ୟସଭାରେ ତାମିଲନାଡୁ ପାଇଁ ନିରପେକ୍ଷ ସୀମା ନିର୍ଦ୍ଧାରଣ ଉପରେ ଆଲୋଚନା କରିବାକୁ ଉପାଧ୍ୟକ୍ଷ ଅନୁମତି ନ ଦେବାରୁ ଡିଏମକେ ସଦସ୍ୟମାନେ କକ୍ଷ ତ୍ୟାଗ କରିଥିବା ଜଣାପଡ଼ିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡିଏମକେ ସାଂସଦ ପି.ଉଇଲ୍‌ସନ୍ କହିଛନ୍ତି, ତାମିଲନାଡୁ ପାଇଁ ନିରପେକ୍ଷ ସୀମା ନିର୍ଦ୍ଧାରଣ ବିଷୟରେ ଆଲୋଚନା କରିବା ଜରୁରୀ, କାରଣ ପରିବାର ନିୟୋଜନ ନୀତି ଯୋଗୁଁ ରାଜ୍ୟରେ ଜନସଂଖ୍ୟା ହ୍ରାସ ପାଉଛି । ୨୦୨୬ରେ ଲାଗୁହେବାକୁ ଥିବା ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ତାମିଲନାଡୁ ପାଇଁ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି ।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ବିରୋଧୀ ସାଂସଦମାନଙ୍କ କକ୍ଷତ୍ୟାଗ କରିବା ନେଇ ସମାଲୋଚନା କରିଛନ୍ତି । ସେ କହିଛନ୍ତି, ବିରୋଧୀ ସଦସ୍ୟମାନେ ଏଭଳି ପ୍ରସଙ୍ଗ ଉତ୍ଥାପନ କରି ସରକାର ଆଲୋଚନା ପାଇଁ ପ୍ରସ୍ତୁତ ନଥିବା ଜଣାଇବାକୁ ଚାହୁଁଛନ୍ତି । ବିରୋଧୀ ସଦସ୍ୟଙ୍କ ଦ୍ୱାରା ଦିଆଯାଇଥିବା ମୁଲତବୀ ପ୍ରସ୍ତାବକୁ ନେଇ ଶ୍ରୀ ନଡ୍ଡା କହିଛନ୍ତି, ମୁଲତବୀ ନୋଟିସ ଦେବା ପୂର୍ବରୁ ସଦସ୍ୟମାନେ ସେ ସଂପର୍କିତ ନିୟମାବଳୀ ଭଲ ଭାବେ ପଢ଼ିବା ଉଚିତ । ପ୍ରତ୍ୟେକ ଦିନ ମୁଲତବୀ ନୋଟିସ୍ ଆଗତ କରାଯିବା ଫଳରେ ସଂସଦର ଗାରିମା କ୍ଷୁର୍ଣ୍ଣ ହେଉଥିବା ଶ୍ରୀନଡ୍ଡା କହିଛନ୍ତି ।

ଅନ୍ୟପକ୍ଷରେ ଡିଏମକେ ସାଂସଦ ତିରୁଚି ଶିବା କହିଛନ୍ତି ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ସଂପର୍କରେ ଆଲୋଚନା ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହାକୁ ବିରୋଧ କରି ରାଜ୍ୟସଭା ସାଂସଦ ରେଖା ଶର୍ମା କହିଛନ୍ତି, ବିରୋଧୀମାନେ ଗୃହ କାର୍ଯ୍ୟ ନଚଳାଇ ଦେବା ପାଇଁ ଏଭଳି କରୁଛନ୍ତି । ଫଳରେ ଗୃହରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା ସମ୍ଭବ ହେଉନାହିଁ ।

ବିଜେପି ସାଂସଦ ଦିନେଶ ଶର୍ମା ବିରୋଧୀଙ୍କ ମନୋଭାବକୁ ବିରୋଧ କରି କହିଛନ୍ତି, ଗୃହରେ ହଟ୍ଟଗୋଳ ସୃଷ୍ଟି କରିବା ପାଇଁ ବିରୋଧୀ ସଦସ୍ୟମାନେ ପ୍ରସ୍ତୁତ ରହିଛନ୍ତି ।

ଆଜି ଉଭୟ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ମଣିପୁର ଏବଂ ଜାମ୍ମୁରେ ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା, ତାମିଲନାଡୁରେ ରେଳପ୍ରକଳ୍ପ ପାଇଁ ଅନୁଦାନ, ସୀମା ନିର୍ଦ୍ଧାରଣ ଏବଂ ଷ୍ଟକ୍ ମାର୍କେଟ୍ କ୍ଷତି ସଂପର୍କିତ ପ୍ରସଙ୍ଗ ଉପରେ ଆଲୋଚନା ଦାବି କରି ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ ।

ଏହି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆସନ୍ତାମାସ ୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଏଥିରେ ୨୦ଟି ବୈଠକ ବସିବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଣିପୁର ପାଇଁ ଆଜି ବଜେଟ୍ ଉପସ୍ଥାପନ କରିବେ । ଗତମାସରେ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ ସିଂଙ୍କ ଇସ୍ତଫା ପରେ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିଲା । ଏହି ଅଧିବେଶନ କାଳରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଅନୁଦାନ ଦାବି ଏବଂ ଆନୁସଙ୍ଗିକ ବିଲ୍ ବ୍ୟୟମଂଜୁରୀ ଉପରେ ଆଲୋଚନା ଓ ମତଦାନ ହେବ । ଏହି

ପର୍ଯ୍ୟାୟରେ ବ୍ୟାଙ୍କିଙ୍ଗ ଆଇନ ସଂଶୋଧନ ବିଲ୍, କୋଷ୍ଟାଲ୍ ସିପିଙ୍ଗ୍ ବିଲ୍, ଇମିଗ୍ରେସନ୍ ଆଣ୍ଡ୍ ଫରେନର୍ସ ବିଲ୍ ଓ ରେଳବାଇ ସଂଶୋଧନ ବିଲ୍ ଉପସ୍ଥାପନ ହେବାର କାର୍ଯ୍ୟସୂଚୀ ରହିଛି ।

## ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ଦୁଇଦିନିଆ ମରିସସ୍ ଗସ୍ତରେ ଯିବେ । ସେଠାରେ ମରିସସ୍ ପ୍ରତିପକ୍ଷଙ୍କ ସହ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମରିସସ୍‌ର ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ୨୦୧୫ ମସିହା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏହା ହେଉଛି ପ୍ରଥମ ମରିସସ୍ ଗସ୍ତ । ଉଦ୍‌ଘାଟିତ ହେବାକୁ ଥିବା ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ସିଭିଲ୍ ସର୍ଭିସ୍ କଲେଜ୍, ଆଞ୍ଚଳିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଦି ଅନ୍ତର୍ଭୁକ୍ତ । ଏହି ପ୍ରକଳ୍ପ ଗୁଡ଼ିକ ଭାରତର ଆର୍ଥିକ ସହାୟତାରେ ସେଠାରେ ନିର୍ମାଣ କରାଯାଇଛି । ମରିସସ୍‌ରେ ଅବସ୍ଥାପିତ ଭାରତର ଉଚ୍ଚାୟୁକ୍ତ ଅନୁରାଗ ଶ୍ରୀବାସ୍ତବ ଆକାଶବାଣୀ ସମ୍ବାଦ ସହ କଥାବାର୍ତ୍ତାରେ କହିଛନ୍ତି, ଭାରତ ଓ ମରିସସ୍ ମଧ୍ୟରେ ସୁଦୃଢ଼, ଗତିଶୀଳ ଦ୍ୱିପାକ୍ଷିକ ସମ୍ପର୍କ ରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ମରିସସ୍ ଗସ୍ତ ଦୁଇଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ସହ ବିଭିନ୍ନ କ୍ଷେତ୍ରରେ ସମ୍ପର୍କ ବୃଦ୍ଧି ନେଇ ନୂତନ ମାର୍ଗ ଉନ୍ମୋଚନ କରିବାର ଆଶା କରାଯାଇଛି ।

## ଡବ୍ଲ୍ୟୁସିଡି ମିନିଷ୍ଟର ୟୁଏନ୍ ଭିଜିଟ୍

ମହିଳା ସ୍ଥିତି ଆୟୋଗ ସି.ଏସ୍.ଡବ୍ଲୁ.ର ୬୯ତମ ଅଧିବେଶନ ଆଜି ନ୍ୟୁୟର୍କ ସ୍ଥିତ ଜାତିସଂଘ ମୁଖ୍ୟାଳୟରେ ଆରମ୍ଭ ହେଉଛି । ମହିଳା ଓ ଶିଶୁ

ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ମଣ୍ଡଳ ଏଥିରେ ଅଂଶଗ୍ରହଣ କରିବେ । ଏହି ଅଧିବେଶନରେ ମନ୍ତ୍ରୀ ତାଙ୍କର ଭାଷଣ ପ୍ରଦାନ କରିବା ସହ ମନ୍ତ୍ରୀସ୍ତରୀୟ ଆଲୋଚନା ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ମହିଳାଙ୍କର ସାମଗ୍ରୀକ ବିକାଶ ଏବଂ ସଶକ୍ତିକରଣ ଦିଗରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଗୁଡ଼ିକ ଉପରେ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ତଥ୍ୟ ଉପସ୍ଥାପନ କରିବେ । ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ମହିଳା ଏବଂ ବାଳିକା ସଶକ୍ତିକରଣ ଉପରେ ପର୍ଯ୍ୟବେଶିତ ବିଭିନ୍ନ ପ୍ରସଙ୍ଗ ଆଧାରିତ ଆଲୋଚନା ବୈଠକରେ ମନ୍ତ୍ରୀ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ସି.ଏସ୍.ଡବ୍ଲ୍ୟୁ. ହେଉଛି ଲିଙ୍ଗଗତ ସମାନତା, ଅଧିକାର ଏବଂ ମହିଳା ସଶକ୍ତିକରଣ ଉପରେ ଆଧାରିତ ଏକ ବୈଶ୍ୱିକ ଆନ୍ତଃ ସରକାରୀ ସଂସ୍ଥା । ଏହି ଅଧିବେଶନ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଇଣ୍ଡିଆ-ଇୟୁ ବାଣିଜ୍ୟ ଚୁକ୍ତି

ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ଚୁକ୍ତି ଲକ୍ଷ୍ୟ ନେଇ ଭାରତ ଏବଂ ୨୭ ରାଷ୍ଟ୍ର ବିଶିଷ୍ଟ ୟୁରୋପୀୟ ସଂଘ ମଧ୍ୟରେ ଦଶମ ପର୍ଯ୍ୟାୟ ଆଲୋଚନା ଆଜିଠାରୁ ବ୍ରସେଲ୍ସ ଠାରେ ଆରମ୍ଭ ହେବ । ଏ କ୍ଷେତ୍ରରେ ରହିଥିବା ଆହ୍ୱାନ ଗୁଡ଼ିକର ସମାଧାନର ମାର୍ଗ ବାହାର କରିବା ଏହି ଆଲୋଚନା ବୈଠକର ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ବର୍ଷ ଶେଷ ସୁଦ୍ଧା ମୁକ୍ତ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ନେଇ ଲକ୍ଷ୍ୟ ରଖାଯାଇଛି । ୟୁରୋପୀୟ ସଂଘର ବାଣିଜ୍ୟ ଓ ଅର୍ଥନୈତିକ ନିରାପତ୍ତା କମିଶନର ମାରୋସ୍ ସେପ୍‌କୋଭିକ୍ କହିଛନ୍ତି, ଉଭୟ ପକ୍ଷ

ଏକ ସନ୍ତୁଳିତ ଏବଂ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଲାଭଦାୟକ ବାଣିଜ୍ୟ ଚୁକ୍ତି ପାଇଁ ପ୍ରୟାସ କରୁଛନ୍ତି ।

ସୂଚନା ଯୋଗ୍ୟ ଆମେରିକା ପ୍ରଶାସନର ନୂତନ ଶୁଳ୍କ ନୀତି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ୟୁରୋପୀୟ ଆୟୋଗର ସଭାପତି ଉର୍ଷୁଲା ଭନ୍ ଡେର୍ ଲେୟେନ୍ ଗତମାସରେ ଭାରତ ଓ ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଚଳିତ ବର୍ଷ ଶେଷ ସୁଦ୍ଧା ଚୂଡ଼ାନ୍ତ କରିବା ଲାଗି ସହମତ ହୋଇଥିଲେ ।

## ଗଡ଼କରୀ-ଆଇଏଏସ୍

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ସଡ଼କ ନେଟୱର୍କରେ ଉନ୍ନତି ଆଣିବା ସହ ଦ୍ରବ୍ୟ ଉତ୍ପାଦନ ଖର୍ଚ୍ଚ ହ୍ରାସ କରାଯାଇ ପାରିବ । ଯାହାଫଳରେ ଉଭୟ ଶିଳ୍ପ ଓ ଉପଭୋକ୍ତା ଉପକୃତ ହୋଇପାରିବେ । ଆଜି ନୂଆଦିଲ୍ଲୀରେ ଆୟୋଜିତ ସାବୁନ୍, ଡିଟରଜେଣ୍ଟ ଏବଂ ପ୍ରସାଧନ ସାମଗ୍ରୀ ସଂପର୍କିତ ସପ୍ତମ ଅନ୍ତର୍ଜାତୀୟ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଗଡ଼କରୀ କହିଛନ୍ତି, ଅଣୁ, ମଧ୍ୟମ, କ୍ଷୁଦ୍ର ଉଦ୍ୟୋଗ ଗୁଡ଼ିକ ଏହା ଦ୍ୱାରା ଲାଭବାନ ହୋଇପାରିବେ । ଉତ୍ପାଦନ ଖର୍ଚ୍ଚ ହ୍ରାସ ଏବଂ ଗୁଣବତ୍ତା ବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ ଶ୍ରୀଗଡ଼କରୀ ଶିଳ୍ପ ଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି **ସ୍ୱଚ୍ଛତାର ଭବିଷ୍ୟତ** । ୩ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ସରକାରଙ୍କ ପ୍ରତିନିଧି, ଶିଳ୍ପପତି, ସଦସ୍ୟ ଏବଂ ପ୍ରତିନିଧିମାନଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ ।

## ପୁରୀ-ମେଟ୍ରୋ ପ୍ରୋଜେକ୍ଟ

ଚୀନ୍ ଓ ଆମେରିକା ପରେ ଭାରତରେ ବିଶ୍ୱର ତୃତୀୟ ବୃହତ୍ତମ ମେଟ୍ରୋ ଚଳାଚଳ ବ୍ୟବସ୍ଥା ରହିଛି ବୋଲି କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି । ଆଜି ରାଜ୍ୟସଭାରେ ଏକ ଅତିରିକତ୍ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପୁରୀ କହିଛନ୍ତି, ଏବେ ଦେଶର ୨୩ଟି ସହରରେ ୧ ହଜାର କିଲୋମିଟରରୁ ଅଧିକ ମେଟ୍ରୋ ରେଳ କାର୍ଯ୍ୟ କରୁଛି । ସେ କହିଛନ୍ତି ୯୭୯ କିଲୋମିଟର ମେଟ୍ରୋ ଲାଇନ୍ ନିର୍ମାଣାଧୀନ ଅଛି ଏବଂ ଏହା ପରେ ମେଟ୍ରୋ ନେଟୱର୍କ ଦେଶର ୨୯ ଟି ସହରକୁ ବିସ୍ତାରିତ ହେବ । ଶ୍ରୀ ପୁରୀ କହିଛନ୍ତି, ଦ୍ୱିତୀୟ ବୃହତ୍ତମ ସହରାଞ୍ଚଳ ମେଟ୍ରୋ ନେଟୱର୍କରେ ପରିଣତ ହେବାକୁ ହେଲେ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାରଙ୍କ ସହଯୋଗର ଆବଶ୍ୟକତା ରହିଛି ।

## ଗାଜା-ଇସ୍ରାଏଲ୍

ଇସ୍ରାଏଲ୍' ଗାଜାକୁ ବିଦ୍ୟୁତ୍ ଯୋଗାଣ ବନ୍ଦ କରିଦେବା ଫଳରେ ସେଠାକାର ପାନୀୟ ଜଳ ପ୍ରକ୍ରିୟାକରଣ ପ୍ଲାଣ୍ଟ ପ୍ରଭାବିତ ହୋଇଛି । ଗତ ସପ୍ତାହରେ ଇସ୍ରାଏଲ୍ ୨୦ ଲକ୍ଷରୁ ଅଧିକ ପାଲେଷ୍ଟାଇନ୍ ଅଞ୍ଚଳକୁ ସାମଗ୍ରୀ ଯୋଗାଣ ବନ୍ଦ କରିଦେଇଥିଲା । ପ୍ରଥମ ପର୍ଯ୍ୟାୟ ଅସ୍ତ୍ରବିରତି ସମୟସୀମା ସଂପ୍ରସାରଣକୁ ଗ୍ରହଣ କରିବା ଲାଗି ଇସ୍ରାଏଲ୍ ପକ୍ଷରୁ ଆତଙ୍କବାଦୀ ସଂଗଠନ ହମାସ୍ ଉପରେ ଚାପ ପ୍ରୟୋଗ କରାଯାଇଥିଲା । ଗତ ସପ୍ତାହରେ ସେହି ପର୍ଯ୍ୟାୟ ଶେଷ ହୋଇଛି । ଇସ୍ରାଏଲ୍ ସ୍ଥାୟୀ ଯୁଦ୍ଧବିରତି ପାଇଁ ବୁଝାମଣା କରିବାକୁ ପ୍ରତିଶ୍ରୁତି ଦେବା ବଦଳରେ ଅବଶିଷ୍ଟ ବନ୍ଧକମାନଙ୍କ ମଧ୍ୟରୁ ଅର୍ଦ୍ଧେକଙ୍କୁ ମୁକ୍ତ କରିବା ଲାଗି ପ୍ରସ୍ତାବ ଦେଇଛି ।

ଏହି ଆଲୋଚନାକୁ ଆଗେଇ ନେବା ପାଇଁ ଇସ୍ରାଏଲ୍ ଏକ ପ୍ରତିନିଧି ଦଳ କତାରକୁ ପଠାଇବ ବୋଲି ସୂଚନା ମିଳିଛି ।

## ଶ୍ରୀଲଙ୍କା-ରିମିଟାନ୍ସ

ଶ୍ରୀଲଙ୍କାର କେନ୍ଦ୍ରୀୟ ବ୍ୟାଙ୍କ ଚଳିତବର୍ଷର ପ୍ରଥମ ଦୁଇମାସରେ ଶ୍ରମିକମାନଙ୍କ ଦ୍ୱାରା ପଠାଯାଇଥିବା ଅର୍ଥରାଶିରେ ବୃଦ୍ଧି ଘଟିଥିବା ପ୍ରକାଶ କରିଛି । ବ୍ୟାଙ୍କ ପକ୍ଷରୁ କୁହାଯାଇଛି, ପ୍ରତ୍ୟେକ ବର୍ଷ ଏହି ଅର୍ଥ ଆଗମନ ରାଶି ବୃଦ୍ଧି ପାଉଛି । ଚଳିତବର୍ଷ ଏହି ଅର୍ଥରାଶି ୧୬ ଦଶମିକ ୩ ପ୍ରତିଶତ ବୃଦ୍ଧି ପାଇ ୧ ଦଶମିକ ୧୨ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି । ୨୦୨୧ ମସିହା ପରେ ଏହା ସବୁଠାରୁ ଅଧିକ ବୋଲି ରିପୋର୍ଟରେ କୁହାଯାଇଛି । ସେହିପରି ଗତ ଜାନୁଆରୀ ପ୍ରାରମ୍ଭରେ ଏଥିରେ ୧୫ ଦଶମିକ ୧ ପ୍ରତିଶତ ବୃଦ୍ଧି ପାଇ ମୋଟ୍ ଅର୍ଥରାଶି ୫୪ କୋଟି ୮୧ ଲକ୍ଷ ଡଲାରରେ ପହଞ୍ଚିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଅନ୍‌ଲାଇନ୍ ଆର୍ଥିକ ଠକେଇ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ନିର୍ଦ୍ଦେଶକ ନିଶାନ୍ତ କୁମାର ଏବଂ ଦିଲ୍ଲୀ ପୁଲିସ୍ ସ୍ୱତନ୍ତ୍ର ସେଲ୍‌ର ଯୁଗ୍ମ କମିଶନର ରଜନିଶ ଗୁପ୍ତା ଏହି ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ

ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

........................................................................................